Akashvani, Sambalpur

SAMBALPURI NEWS MORNING BULLETIN

4 November 2026 - 6.47- 6.52 am.

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ବାତ୍ୟା ମୁରାସୁ ଗଲାକାଏଲ୍ ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ି ନ ସ୍ଥଲ୍ଭାଗ୍ ଛୁଇଁଲା ଉତ୍ରୁ ଦୁର୍ବଲ୍ ହେଇଛେ । ବାତ୍ୟା ଏଛ୍ନି ଘଂଟାକ ୭ କିଲୋମିଟର୍ ବେଗଥି ଆନ୍ଧ୍ରପ୍ରଦେଶ୍ର ଦକ୍ଷିଣ ଉପକୂଳ ନୁ ଉତର୍ - ଉତର୍ ପଶ୍ଚିମ ଦିଗ୍କେ ଗତି କରୁଛେ । ବାତ୍ୟା ମୁରାସୁ ଆଏଜ୍ ଆହୁରି ଦୁର୍ବଲ୍ ହେଇକରି ଅବପାତଥି ବଦ୍ଲିପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ବାତ୍ୟା ଅର୍ଣ୍ତବ୍ର କ୍ଷୟକ୍ଷତି ଆଲନ୍ ଲାଗି ଆସିଥିବା ୮ ଝନିଆ ଆନ୍ତଃମନ୍ତ୍ରଣାଲୟ କେନ୍ଦ୍ରୀୟ ଟିମ୍ ଆଏଜ୍ ଗଜପତି ଜିଲ୍ଲା ଗସ୍ତ କର୍ବେ । ଇ କେନ୍ଦ୍ରୀୟ ଟିମ୍ ବାତ୍ୟା ଆଉ ବନ୍ୟା କ୍ଷୟକ୍ଷତିର ସ୍ଥିତି

ଅନୁଧ୍ୟାନ୍ କର୍ବାର୍ ସହେତେ କୃଷି, ରାସ୍ତା, ବିଦ୍ୟୁତ୍, ଜଲ୍ସମ୍ପଦ୍ ଆଉ ଅଲ୍ଗା କ୍ଷେତ୍ରର୍ କ୍ଷତି ଆକଲନ୍ କର୍ବେ ।

ଜଳପଥ ମନ୍ତ୍ରୀ-ପୁରୀ ଏକ୍ସ

ସମୁଦ୍ରଖଁଡ଼ି କ୍ଷେତ୍ର ଆଉ କ୍ରୁଜ୍ ଜାହାଜ୍ ଚଲାଚଲ୍ ବ୍ୟବସ୍ଥାକେ ବର୍କସ୍ କର୍ବାର୍ ଲାଗି ପୁରୀ ନ ଗଲାକାଏଲ୍ ଗୁଟେ ପରାମର୍ଶଦାତା କମିଟି ବୈଠକ୍ ହେଇଯାଇଛେ । କେନ୍ଦ୍ର ବନ୍ଦର ଆଉ ଜାହାଜ ଚଳାଚଳ ଆଉ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନ୍ୱାଲ୍ ବୈଠକ୍ଥି ଅଧ୍ୟକ୍ଷତା କରିକରି ଭିନ୍ ଭିନ୍ ଦିଗ୍ ଉପ୍ରେ ଆଲୋଚନା କରିଛନ୍ । ଗଲା ୧୨ ବଛର୍ ଭିତ୍ରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ମାର୍ଗଦର୍ଶନ୍ଥି ଭାରତ୍ର ସାମୁଦ୍ରିକ କ୍ଷେତ୍ରଥି ବହୁତ୍ଟେ ପରିବର୍ତନ୍ ଆସିଚେ ବଲି ମନ୍ତ୍ରୀ ଶ୍ରୀ ସୋନ୍ୱାଲ୍ କହିଛନ୍ ।

ଜାତୀୟ ଜଳପଥ ବିକାଶ ଆଇ ଆଣ୍ଟ୍ ପି.ଆର୍

ଜାତୀୟ ଜଳପଥ ୫ ର ବିକାଶ୍ ଲାଗି ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । କେନ୍ଦ୍ର ବନ୍ଦର ଜାହାଜ ଚଳାଚଳ ଆଉ ଜଳପଥ ମନ୍ତ୍ରଣାଳୟ ସଚିବ ବିଜୟ କୁମାର୍ଙ୍କର୍ ଉପସ୍ଥିତିଥି୍ ଶିଳ୍ପସଂସ୍ଥାମାନ୍କର୍ ପ୍ରତିନିଧି୍ ଆଉ ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ବିଭାଗ୍ର ପ୍ରତିନିଧିମାନେ ଉପସ୍ଥିତ୍ ଥିଲେ । ଇ ଅବ୍ସରେ ପାଖାପାଖି୍ ୫ ଶହ ୮୮ କିଲୋମିଟର୍ ଲମ୍ବା ପ୍ରସ୍ତାବିତ୍ ଜାତୀୟ ଜଳପଥ ୫ର ବିକାଶ୍ ବାବ୍ଦେ ଆଲୋଚନା କରାଯାଇଥିଲା ।

ସୂଚ୍ନା ଅନ୍ସାରେ, ପ୍ରସ୍ତାବିତ୍ ଜଳପଥ ପହେଲା ଭାଗ୍ ନଦୀୟଖଣ୍ଡ ତାଲ୍ଚେର୍ ନୁ ପାରାଦ୍ୱୀପ୍- ଧାମ୍ରାତକ୍ ୩ା ଶହ ୩୨ କିଲୋମିଟର୍ ଲମ୍ବା ରହେବା ।

ଜନଗଣନା ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ୨ ନମ୍ବର୍ ଖେପ୍ ଜନଗଣନା ଆଏବା ଜାନୁଆରୀ ମାସର୍ ୧୦ ତାରିଖ୍ନୁ ମୁଲ୍ ହେବା । ଇ ଖେପ୍ଥି୍ ଲୁକ୍କର୍ ଶିକ୍ଷା ସ୍ୱାସ୍ଥ୍ୟ

ରୋଜ୍‌ଗାର୍ ଆଉ ଜାତି ବାବଦ୍‌ଥି ଭିଲ୍ ତଥ୍ୟ ନିଆଯିବ। ବଲି ରାଜ୍ୟ ଜନଗଣନା ଆଉ ନାଗରିକ୍ ପଞ୍ଜିକରଣ୍ ନିର୍ଦ୍ଦେଶକ୍ ନିଖିଲ୍ ପଓ୍ୱନ୍ କଲ୍ୟାଣ୍ କହିଛନ୍। ସେ କହିଛନ୍, ଜାନୁଆରୀ ୨୫ ତାରିଖ୍‌ନୁ ଫେବୃଆରୀ ୨୮ ତାରିଖ୍‌ତକ୍ ବିଏଲ୍‌ଓମାନେ ଘର୍ ଘର୍ ବୁଲିକରି ତଥ୍ୟ ଠୋଲ୍ କର୍‌ବେ। ଏପ୍ରିଲ୍ ମାସର୍ ଶେଷ୍‌ତକ୍ ଜନଗଣନା ସାର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ଶ୍ରୀ କଲ୍ୟାଣ୍ କହିଛନ୍।

ଭୋଟର୍ ତାଲିକା ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱତନ୍ତ୍ର ସଘନ ସଂଶୋଧନ- ଏସ୍‌ଆଇଆର୍ ବେଲ୍‌କେ ଚିଠା ଭୋଟର୍ ତାଲିକାଥି ନାଁ ନାଇଁଥିବା ଭୋଟର୍ ମାନେ ଶେଷ୍ ତାଲିକାଥି ସେମାନ୍‌କର୍ ନାଁ ଜୁଡ଼ିବାର୍ ଲାଗି ଫର୍ମ-୬ ପୂରଣ୍ କରିପାର୍‌ବେ। ଆଗ୍‌ରୁ ପଞ୍ଜିକରଣ୍ କରିଥିଲେ ଭିଲ୍ ଫର୍ମ -୬ ପୂରଣ୍ କର୍‌ବାର୍ ଜରୁରୀ ଆଏ ବଲି ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ କୁହାଯାଇଛେ। ଇ ବାବ୍‌ଦେ ଆୟୋଗ୍ ତର୍‌ଫୁ ସବୁ ରାଜ୍ୟର୍ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି କରାଯାଇଛେ।

ପ୍ରଳୟ - କ୍ଷେପଣାସ୍ତ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଲେଶ୍ୱର୍ ଜିଲ୍ଲା ଚାନ୍ଦିପୁର୍ ଠାନେ ଥିବା ପ୍ରତିରକ୍ଷା ଗବେଷଣା ଆଉ ଉନ୍ନୟନ୍ ସଂଗଠନ୍ - ଡିଆର୍‌ଡିଓ ନ ଗଲାକାଏଲ୍ ପ୍ରତିରକ୍ଷା ମନ୍ତ୍ରଣାଲୟ ତର୍‌ଫୁ ସେମି ବାଲେଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରଳୟର ସଫଲ୍ ପରୀକ୍ଷଣ୍ କରାଯାଇଛେ । ଇ ପରୀକ୍ଷଣ୍‌ର ଗୁରୁତ୍ୱ ହେଉଛେ ଗୁଟେ ଳଂଚର୍‌ନୁ ୨ ଟା କ୍ଷେପଣାସ୍ତ୍ର ଲଗାତାର୍ ଭାବେ ଛଡ଼ାଯାଇପାର୍‌ବା । ଉତ୍‌କ୍ଷେପଣ୍ ସମିଆଥି ପ୍ରଳୟ ସବୁ ଲକ୍ଷ୍ୟ ହାସଲ୍ କରିଥିଲା ।

ବାଲିଯାତ୍ରା- ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ଇ ମାସର୍ ୨୪ ନୁ ଡିସେମ୍ବର୍ ୧ ତାରିଖ୍‌ତକ୍ କଟକ୍ ନ ଐତିହାସିକ୍ ବାଲିଯାତ୍ରାର୍ ଆୟୋଜନ୍ କରାଯିବା । ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ହେଇଥିବା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍‌ଥି ଇ ବାବ୍‌ଦେ ଘୋଷ୍‌ନା କରାଯାଇଛେ । ଇ ବଛର୍

ବାଲିଯାତ୍ରା ଆୟୋଜନ୍ ଲାଗି ସରକାର୍ ୧୦ କୋଟି ଟଙ୍କା ଯୁଗେଇ ଦେବେ । ଇତାର୍ସହେତେ ବାଲିଯାତ୍ରାକେ ପ୍ଲାଷ୍ଟିକ୍ ମୁକ୍ତ କର୍ବାର୍ ଲାଗି ଭିଲ୍ ନିଷ୍ପତି ନିଆଯାଇଛେ ।

ଗଙ୍ଗା ଦିବସ୍ ଏନ୍ଏସ୍ଡି

ଗଙ୍ଗା ନଦୀର୍ ସାଂସ୍କୃତିକ, ଐତିହାସିକ ଆଉ ଅର୍ଥନୈତିକ ମହତ୍ୱକେ ସମ୍ମାନ୍ ଜନାବାର୍ ଲାଗି ଆଏଜ୍ ଦେଶେ ଗଙ୍ଗା ଦିବସ୍ ପାଲନ୍ କରାଯାଉଛେ । ୨୦୦୮ ମସିହା ନଭେମ୍ବର୍ ୪ ତାରିଖ୍ ଦିନ ଭାରତ୍ ସରକାର୍ଙ୍କର୍ ତର୍ଫୁ ଗଙ୍ଗାନଦୀକେ ଜାତୀୟ ନଦୀର୍ ମାଏନ୍ତା ଦିଆଯାଇଥିଲା । ଗଙ୍ଗାନଦୀର୍ ସୁରକ୍ଷା ଲାଗି ତିଆର୍ ହେଇଥିବା ଗଙ୍ଗା ଏକ୍ସନ୍ ପ୍ଲାନ୍ ର ଲକ୍ଷ୍ୟ ହାସଲ୍ କର୍ବାର୍ ଲାଗି ଘୋଷ୍ନା କରାଯାଇଥିଲା ।

ଏଛେନ୍ କେତେଟା ଛୋଟ୍ ଛୋଟ୍ ଖବର୍

ପୁରୀ/ସମ୍ବଲପୁର/ଦେବ୍ଗଡ଼୍/ସୁବର୍ଣ୍ଣପୁର/ନୂଆପଡ଼ା/କଲାହାଣ୍ଡି

- ଇ ବଛର୍ ପୁରୀ ନ ଚାଲିଥିବା କାର୍ତିକ ହବିଷ୍ୟାଲି ବ୍ରତ ଲାଗି ରାଜ୍ୟ ସଂସ୍କୃତି ବିଭାଗ୍ ତର୍ପୁ ୩ କୋଟି ୩୦ ଲାଖ୍ ଟଙ୍କା ଅନୁମୋଦନ୍ କରାଯାଇଛେ ।

- ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍କର ବନକଲାଗି ନୀତି କରାଯିବା । ଇଥିର୍ଲାଗି ସଞ୍ଜ୍ବେଲର୍ ୬ ନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ।

- ମାଇ ଭାରତ୍- ସମ୍ବଲପୁର ଶାଖା ତର୍ଫୁ ଜିଲ୍ଲାସ୍ତରୀୟ ଯୁବସଂସଦ୍ କାର୍ଯ୍ୟକ୍ରମ୍ ଆଏବାକାଏଲ୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟ ନ ହେବା । ଗଲାକାଏଲ୍ ଇତାର୍ ପୋଷ୍ଟର୍ ଆଉ ସୂଚନାପତ୍ର ଉନ୍ମୋଚିତ୍ ହେଇଛେ ।

- ଦେବ୍ଗଡ଼୍ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଆଉ ଜିଲ୍ଲା ପ୍ରଶାସନ୍ ତର୍ଫୁ ବଜ୍ରପାତ୍ ସୁରକ୍ଷା ଲାଗି ଗୁଟେ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ଇ ରଥ ଜିଲ୍ଲାସାରା ବୁଲିକରି ବ୍ରଜପାତ୍ନୁ ସୁରକ୍ଷା ବାବ୍ଦେ ଲୁକ୍କୁ ସଚେତନ୍ କର୍ବା ।

- ନୂଆପଡ଼ା ସଦର୍ ନ ଜିଲ୍ଲାସ୍ତରୀୟ କଳାକାର୍ ଚୟନ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଉଦ୍ଘାଟିତ ହେଇଯାଇଛେ । ୬

ତାରିଖ୍‌ତକ୍ ହେବାର୍‌କେ ଥିବାର୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗାର୍ ସାଂସ୍କୃତିକ୍ ଦଲ୍‌ମାନେ ଭାଗ୍ ନଉଛନ୍ ।

- ଜଳସମ୍ପଦ୍‌ର ଉଚିତ୍ ବେଭାର୍ କରିକରି ଧାନ୍ ଚାଷ୍ ସଙ୍ଗେ ମାଛ୍ ଚାଷ୍ ପଦ୍ଧତିର୍ ପ୍ରଚାର୍ ପ୍ରସାର୍ ଲାଗି କଲାହାଣ୍ଡି ଜିଲ୍ଲା ଜୁନାଗଡ଼୍ ବ୍ଲକ୍ ତେନ୍ତେଲ୍‌ଖୁଂଟି ଗାଁ। ନ ଗୁଟେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ ।

- ସୁବର୍ଣ୍ଣପୁର୍ ଜିଲ୍ଲାକେ ଶିଶୁ ଶ୍ରମିକ ମୁକ୍ତ କର୍‌ବାର୍ ଲାଗି ଗୁଟେ ସଚେତନତା ରଥ ଗଲାକାଏଲ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟନୁ ବାହାରିଛେ । ଇ ରଥ ଜିଲ୍ଲାସାରା ବୁଲିକରି ଶିଶୁ ଶ୍ରମିକ୍ ପ୍ରଥା ବିରୋଧ୍‌ଥି ସଚେତନ୍ କର୍‌ବା ।